ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 873/16-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୧୬ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଭର୍ଚୁଆଲ୍ ପ୍ଲାଟ୍ଫର୍ମରେ ହିଞ୍ଜିଳିକାଟୁଠାରେ ସିଭିଲ୍ ଜଜ୍ଙ୍କ ଅଦାଲତର ନୂତନ କୋଠା ଓଡ଼ିଶା ହାଇକୋର୍ଟର ମାନ୍ୟବର ପ୍ରଧାନ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ଙ୍କ ସହିତ ଉଦ୍ଘାଟନ କରି କହିଛନ୍ତି ଯେ ନାଗରିକମାନଙ୍କୁ ନ୍ୟାୟ ପ୍ରଦାନର ସୁବିଧା ଯୋଗାଇଦେବାରେ ସାମ୍ବିଧାନିକ ଲକ୍ଷ୍ୟ ହାସଲ କରିବା ପାଇଁ ଓଡ଼ିଶା ସରକାର ବଦ୍ଧ ପରିକର ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ନ୍ୟାୟ ପାଇବାର ଅଧିକାରକୁ ମୌଳିକ ଅଧିକାର ଏବଂ ତାଙ୍କ ସରକାର ନ୍ୟାୟ ପ୍ରଦାନ ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଦର୍ଶାଇ କହିଛନ୍ତି ଯେ କୋଭିଡ୍-୧୯ ମହାମାରୀର ପ୍ରତିବନ୍ଧକ ସତ୍ତ୍ୱେ ଓଡ଼ିଶା ସରକାର ନିକଟରେ ବାଣିଜ୍ୟିକ ବିବାଦ ସମାଧାନ ନିମନ୍ତେ ରାଜ୍ୟରେ ୪ଟି ନୂତନ ଅଦାଲତ ପ୍ରତିଷ୍ଠା କରିଛନ୍ତି । ସେ ପୁଣି କହିଛନ୍ତି ଯେ ମହିଳାମାନଙ୍କ ବରୋଧରେ ବିଭିନ୍ନ ଅପରାଧର ବିଚାର ପାଇଁ ୪୫ଟି ଅଦାଲତ ନିକଟ ଅତୀତରେ ପ୍ରତିଷ୍ଠା କରାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ରାଜ୍ୟ ସରକାର ନ୍ୟାୟପାଳିକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ବିକାଶ ନିମନ୍ତେ ଯଥେଷ୍ଟ ପାଣ୍ଠି ଯୋଗାଇଦେବା ପାଇଁ ଉଚ୍ଚନ୍ୟାୟାଳୟଙ୍କ ସହିତ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇନଜୀବୀ ସଂପ୍ରଦାୟଙ୍କ ସ୍ୱାର୍ଥର ସୁରକ୍ଷା ନିମିତ୍ତ ସରକାର ପ୍ରତିଶ୍ରୁତିବଦ୍ଧ ହୋଇ 'ଓଡ଼ିଶା ଆଇନଜୀବୀ କଲ୍ୟାଣ ପାଣ୍ଠି'କୁ ପ୍ରଦାନ କରାଯାଉଥିବା ବାର୍ଷିକ ସହାୟତା ରାଶିକୁ ନିକଟରେ ୩ କୋଟି ଟଙ୍କାରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି । ସେ ପୁଣି କହିଛନ୍ତି ଯେ ଆଇନଜୀବୀମାନଙ୍କୁ ବିଭିନ୍ନ ଆର୍ଥିକ ସହାୟତା ଦେବା ନିମନ୍ତେ ଏହି ପାଣ୍ଠିର ବ୍ୟବହାରକୁ ଅନୁମୋଦିତ କରିବା ପାଇଁ ସରକାର ଓଡ଼ିଶା ଆଡ୍ଭୋକେଟ୍ ଫଣ୍ଡ ଆକ୍ଟ, ୧୯୬୧ର ସଂଶୋଧନ ନିମନ୍ତେ ଉଦ୍ୟମ ଆରମ୍ଭ କରିଛନ୍ତି ।

- ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତି, ମାନ୍ୟବର ସାଂସଦ ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ଗୃହ) ଶ୍ରୀ ଦିବ୍ୟଶଙ୍କର ମିଶ୍ର, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍ରା, ଆଇନ ବିଭାଗ ସଚିବ ଶ୍ରୀ ଶଶିକାନ୍ତ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ ଏହା ସଂଯୋଜନା କରିଥିଲେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ରାଜ୍ୟରେ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୭.୮୭ ଲକ୍ଷ ସ୍ୱତନ୍ତ୍ର ଗୃହ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ବାତ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ ଗ୍ରାମୀଣ ପରିବାରଗୁଡ଼ିକୁ ସୁରକ୍ଷିତ ଗୃହ ଯୋଗାଇଦେଲେ ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରତିହତ କରାଯାଇପାରିବ ।
- ବିଜୟ ଦିବସ ଅବସରରେ ୧୯୭୧ ଯୁଦ୍ଧରେ ଭାରତକୁ ବିଜୟୀ କରିବା ପାଇଁ ସାହସ ଓ ବୀରତ୍ୱର ସହ ଦେଶର ଗୌରବ ପାଇଁ ସଂଗ୍ରାମ କରି ବଳିଦାନ ଦେଇଥିବା ଆମର ବୀର ସୈନିକମାନଙ୍କ ପ୍ରତି ତାଙ୍କର ସମ୍ମାନ ଜଣାଇଛନ୍ତି ।
- ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୧୫ ରୁ ୧୬ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ୨୫ ଜଣ ବ୍ୟକ୍ତିଙ୍କୁ ଗିରଫ, ୬୮୯ ଟି ଗାଡ଼ି ଜବତ ଏବଂ ୨୧,୭୦,୨୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୪,୬୮,୯୫୭ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୪,୭୯୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୧୯,୮୫୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୨୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩,୦୭୩ ରହିଛି ।
- ୩,୦୭୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**